# ବସ୍ତିକୁ ଫେରିବା ପୂର୍ବରୁ ସ୍ୱାସ୍ଥ୍ୟକର୍ମୀଙ୍କର ହେବ କୋଭିଡ୍ ଟେଷ୍ଟ

**ଭୁବନେଶ୍ୱର,୨୯।୬/ଏନ୍‌ଏନ୍‌ଏସ୍:** ଘରୋଇ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ଏଣିକ ବସ୍ତିକୁ ଯିବା ପୂର୍ବରୁ କୋଭିଡ୍ ପରୀକ୍ଷା କରିବା ବାଧ୍ୟତାମୂଳକ କରାଯାଇଛି । ଯଦି ରିପୋର୍ଟ ନେଗେଟିଭ୍ ଆସେ ତେବେ ଯାଇ ସେମାନେ ବସ୍ତିକୁ ପ୍ରବେଶ କରିବେ । ନଚେତ ସେମାନେ ବସ୍ତିକୁ ଯାଇପାରିବେ ନାହିଁ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି । ସୋମବାର ବିଏମ୍‌ସି ହସ୍ପିଟାଲଗୁଡ଼ିକ ପାଇଁ ଏକ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନଜର ଦେବା ପାଇଁ ଘରୋଇ ହସ୍ପିଟାଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି । ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱରର ସମସ୍ତ ଘରୋଇ ହସ୍ପିଟାଲ, ନର୍ସିଂହୋମ କର୍ତ୍ତୃପକ୍ଷ ବସ୍ତିରେ ରହୁଥିବା ନିଜର କର୍ମଚାରୀଙ୍କ ତଥ୍ୟ ତାଲିକା ପ୍ରସ୍ତୁତି କରିବେ । ସେହି କର୍ମଚାରୀ ୧୪ ଦିନିଆ ପାଳି କରି କର୍ମକ୍ଷେତ୍ରରେ ଯୋଗଦେବେ ଏବଂ ସେମାନଙ୍କ ରହିବା ପାଇଁ ହସ୍ପିଟାଲରେ ବ୍ୟବସ୍ଥା କରିବା ନିମନ୍ତେ କର୍ତ୍ତୃପକ୍ଷ ପଦକ୍ଷେପ ନେବେ । ସେହିପରି କାର୍ଯ୍ୟରେ ଯୋଗଦେଇଥିବା କର୍ମଚାରୀଙ୍କ ବାଧ୍ୟତାମୂଳକ କୋଭିଡ-୧୯ ପରୀକ୍ଷା କରିବା ପାଇଁ ବିଏମ୍‌ସି କହିଛି । ଯେଉଁମାନଙ୍କର ରିପୋର୍ଟ ନେଗେଟିଭ୍ ଆସିବ ସେମାନଙ୍କୁ ହିଁ କେବଳ କାର୍ଯ୍ୟକ୍ଷେତ୍ରରୁ ବାସସ୍ଥାନକୁ ଯିବାକୁ ଅନୁମତି ଦିଆଯିବ । ଏହାପରେ ଅନ୍ୟ କର୍ମଚାରୀମାନେ ୧୪ ଦିନିଆ ପାଳିରେ କର୍ମକ୍ଷେତ୍ରରେ ଯୋଗ ଦେବେ । ସେମାନଙ୍କ କ୍ଷେତ୍ରରେ ମଧ୍ୟ ଉପରୋକ୍ତ ବ୍ୟବସ୍ଥା ଆପଣାଯିବ । ସମସ୍ତ ହସ୍ପିଟାଲ, ନର୍ସିଂହୋମ ସେମାନଙ୍କର ଜଣେ ଦାୟିତ୍ୱବାନ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରିବେ । ଉକ୍ତ ଅଫିସର ହସ୍ପିଟାଲର କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ଯୋଗଦାନ ଓ ତଥ୍ୟ ତାଲିକା ସମ୍ପର୍କିତ ସୂଚନା ବିଏମ୍‌ସିକୁ ପ୍ରଦାନ କରିବେ । ଏନେଇ ବିଏମ୍‌ସି ପକ୍ଷରୁ ମୋବାଇଲ୍ ନମ୍ବର ୯୯୩୭୫୪୯୯୩୨ ଜାରି କରାଯାଇଛି । ଏହି ନମ୍ବର ସାହାଯ୍ୟରେ ହସ୍ପିଟାଲ/ନର୍ସିଂହୋମର ନୋଡାଲ ଅଫିସର ବିଏମ୍‌ସି ସହିତ ଯୋଗାଯୋଗ କରିବେ ବୋଲି କୁହାଯାଇଛି । ରାରାଜଧାନୀର ବସ୍ତିଗୁଡ଼ିକରେ ବଢୁଥିବା ସଂକ୍ରମଣକୁ ନେଇ ବିଏମ୍‌ସି ଏଭଳି ପଦକ୍ଷପ ନେଇଛି । କାରଣ ଅନେକ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ବସ୍ତିରେ ରହୁଛନ୍ତି । ସେମାନଙ୍କ ଯିବା ଆସିବା ଦ୍ୱାରା ବସ୍ତିରେ ମଧ୍ୟ ସଂକ୍ରମଣର ଆଶଙ୍କା ରହୁଛି । ବସ୍ତିରେ ଲୋକସଂଖ୍ୟା ଅଧିକ ଏବଂ ଘର ଲାଗି ଲାଗି ରହିଥିବାରୁ ଏଠାରେ ସାମାଜିକ ଦୂରତା ସମ୍ଭବ ହେଉନି । ଦିନକୁ ଦିନ ଘରୋଇ ହସ୍ପିଟାଲ, ନର୍ସିଂହୋମ କର୍ମଚାରୀ କରୋନା ଆକ୍ରାନ୍ତ ହେଉଛନ୍ତି । ତେଣୁ ସେମାନଙ୍କର ଗତିବିଧି ନିୟନ୍ତ୍ରଣ କରିବା ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ବିଏମ୍‌ସି କହିଛି ।

NITIDIN
Tue, Jun 30, 2020
http://odishanewsnitidin.com